**ସଂକ୍ଷେପରେ**

## ରାଶନ କାର୍ଡରୁ ବଞ୍ଚିତ ହୀନ

ଶେରଗଡ, ୧୮।୪ (ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ପଞ୍ଚାୟତ ରାମଗିରି ଗ୍ରାମର ହୀନ ବେହେରା ରାସନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଗୁରୁବାର ବିଡିଓଙ୍କ ନିକଟରେ ସେ ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିଜର ପରିବାରର ରାସନ କାର୍ଡରେ ନାମ ଲଗାଇବାକୁ ଦାବି କରିଛନ୍ତି। କହିବାର କଥା ହେଲା ସେ ଜଣେ ଗରିବ ପରିବାର। ତଥାପି ତାଙ୍କର ରାସନ କାର୍ଡ ନାହିଁ। ଫଳରେ ସେ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ତୁରନ୍ତ ତାଙ୍କର ରାସନ କାର୍ଡ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

## ଶେରଗଡ଼ରେ ରାମ ନବମୀ ପାଳିତ



ଶେରଗଡ, ୧୮।୪(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବଡମଠ ତଥା ରଘୁନାଥ ମଠରେ ବୁଧବାର ସନ୍ଧ୍ୟାରେ ରାମ ନବମୀ ପାଳିତ ହୋଇଯାଇଛି। ମଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସାଙ୍ଗକୁ ହୋମଯଜ୍ଞ କରାଯିବା ପରେ ରାତିରେ ସେବାୟତ ଗହଣରେ ମହନ୍ତ ପରମାନନ୍ଦ ଦାସ ଗୋସ୍ୱାମୀ ସ୍ୱତନ୍ତ୍ର ନୀତି କରି ବିଗ୍ରହଙ୍କୁ ବିମାନକୁ ବିଜେ କରିଥିଲେ। ପରିକ୍ରମା ନିମନ୍ତେ ଢୋଲ ମହୁରୀ ସହ ଘଣ୍ଟଘଣ୍ଟା ବଜାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପାଢୀସାହି, ଚଣ୍ଡସାହି, ରମୁଣିସାହି ପରିକ୍ରମା ପରେ ମନ୍ଦିରକୁ ଅଣାଯାଇ ରାତ୍ରିରେ ଆଳତୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହନ୍ତ ପରମାନନ୍ଦ ଦାସ ଗୋସ୍ୱାମୀ, ରବିନ୍ଦ୍ର ନାଥ ସ୍ୱାଇଁ, ହରିହର ଦାଶ, ମଙ୍ଗଳା ଗୌଡଙ୍କ ସମେତ ବହୁ ଗ୍ରାମବାସୀ ଠାକୁରଙ୍କ ସହ ଗ୍ରାମ ପରିକ୍ରମା କରିଥିଲେ।

## କଂଗ୍ରେସ ଛାଡ଼ିଲେ ଅନିଲ

ଆସିକା, ୧୮।୪ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକର ପୂର୍ବତନ ସମିତି ସଭ୍ୟ ତଥା ଆସିକା ଲୋକସଭା ନିର୍ବାଚନ ମଣ୍ଡଳି ଯୁବ କଂଗ୍ରେସର ପୂର୍ବତନ ସଭାପତି ଅନିଲ କୁମାର ପରିଡା କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ଦଳର ରାଜ୍ୟ ସଭାପତିଙ୍କ ନିକଟକୁ ପ୍ରେରିତ ଏକ ଇସ୍ତଫା ପତ୍ରରେ ଅନିଲ ଦଳର ପ୍ରାଥମିକ ସଦସ୍ୟ ଓ ବିଭିନ୍ନ ଦାୟିତ୍ୱରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି। ତେବେ ଯୁବ ଓ ଛାତ୍ର ସଂଗଠନର ସାଂଗଠନିକ ଅଭିବୃଦ୍ଧି ଦିଗରେ ସେ ତାଙ୍କର କାର୍ଯ୍ୟ ଚାଲୁରଖିବେ ବୋଲି ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି।

## ଗୋଲିଆରେ ନାମଯଜ୍ଞ ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା, ୧୮।୪(କାଳିଚରଣ ଦାଶ):

ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମର ଖଣ୍ଡିଆ ସାହିରେ ଆଗାମୀ ମେ' ମାସ ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ଗୁରୁବାର ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ଉମାତନୟ ହୋତା, ବିଭୁତି ହୋତା ଓ ପ୍ରମୋଦ ହୋତା ପ୍ରମୁଖଙ୍କ ଦ୍ୱାରା ଯଥା ରୀତିନୀତି ପ୍ରକାରେ ପୂଜାପାଠ ପୂର୍ବକ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା ବେଳେ ଖଲି ସ୍ୱାଇଁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

# ପାଣି ପାଇଁ ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ପାଣି ନ' ଦେଲେ କରିବୁ ଭୋଟ ବର୍ଜନ**

- ଦୀର୍ଘ ୮ ମାସ ହେଲା ପାଣି ପାଇବାରୁ ବଞ୍ଚିତ
- ୪୦ ଡିଗ୍ରୀ ତାପମାତ୍ରାରେ ପାଣି ପାଇଁ ତହଲବିକଳ

ପୋଲସରା, ୧୮।୪(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ମଧୁପଲ୍ଲି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ସୁନାରି ବୁଗୁଡ଼ା ଗ୍ରାମକୁ ଦୀର୍ଘ ୮ ମାସ ହେବ ପାଣି ପାଇବାରୁ ବଞ୍ଚିତ ଥିବାରୁ ଗୁରୁବାର ଟୋପାଏ ପାଣି ପାଇବା ପାଇଁ ପୋଲସରାରୁ ବୁଗୁଡ଼ା ଯିବା ମୁଖ୍ୟରାସ୍ତାକୁ ଗ୍ରାମବାସୀ ଅବରୋଧ କରିଥିଲେ । ଆମକୁ ପାଣି ଦିଅ ନ'ହେଲେ ଭୋଟ ବର୍ଜନ କରିବୁ ବୋଲି ସ୍ଲୋଗାନ ଦେଇ ମୁଖ୍ୟ ସଡ଼କ ଉପରେ ଗରା ମାଠିଆ ବାଲଟି ଧରି ରାସ୍ତାରୋକୋ କରିବାସହ ଦୀର୍ଘ ଦୁଇ ଘଣ୍ଟା କାଳ ଯାଏ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବସି ରହିଥିଲେ। ସୁନାରି ବୁଗୁଡ଼ା ଗ୍ରାମରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗାଁ ପୋଖରୀରେ ପାଣି ଶୁଖି ଯିବା ପରେ ଗାଧୋଇବା ପାଇଁ ଅସୁବିଧା ହେଉଥିବା ବେଳେ ପିଇବା ପାଇଁ ଟୋପାଏ ପାଣି ମିଳୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ କୁଜି ନେତାଠୁ ଆରମ୍ଭ କରି ସରପଞ୍ଚ ଓ ବିଧାୟକ ଏବଂ ବ୍ଲକ ପ୍ରଶାସନକୁ ବାରମ୍ବାର ଗୁହାରି କଲେ ମଧ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି। ଖବର ପାଇ ପ୍ରଶାସନ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୁ ଗ୍ରାମବାସୀ ହଟିଥିଲେ। ଅନ୍ୟପଟେ ଉକ୍ତ ବିଷୟକୁ ନେଇ ସବୁଦିନ ପାଣି ଦିଆ ଯାଉଛି ବୋଲି ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ କହିଛନ୍ତି। ତୁରନ୍ତ ପାଣି ଯୋଗାଇଦେବାକୁ ଦାବି କରିବା ସହ ଆଗାମୀ ଦିନରେ ଭୋଟ ବର୍ଜନ କରିବା ସହିତ ବଡ ଧରଣର ଆନ୍ଦୋଳନକୁ ଓହ୍ଲାଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



ଗରା, ବାଲଟି ଧରି ଗ୍ରାମବାସୀମାନେ ରାସ୍ତା ଅବରୋଧ କରିଛନ୍ତି।

# ମା'ଙ୍କ ଶାନ୍ତିପ୍ରିୟତାକୁ ନେଇ ଭୋଟ୍ ମାଗିଲେ ଚିନ୍ମୟାନନ୍ଦ

ପାତ୍ରପୁର, ୧୮।୪(ଉମା ଚରଣ ନେପାକ)



ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ପଦାଦିଗି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗୁରୁବାର ବିଜେଡି ପକ୍ଷରୁ ପ୍ରଚାର କରାଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେବ ତାଙ୍କ ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ଦାମୋଦରପଲ୍ଲୀ, କୃପାସିନ୍ଧୁପଲ୍ଲୀ, ନାରାୟଣପୁର, କେଲୁଆ, ମର୍ଦ୍ଦରାଜପୁର, ନୂଆପେଣ୍ଠ ଓ ପଦାଦିଗି ଗାଁ ପରିକ୍ରମା କରି ନିଜ ପାଇଁ ଓ ବ୍ରହ୍ମପୁର ଲୋକସଭା ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ ।
ପଦାଦିଗି ଗ୍ରାମରେ ବିଧାୟକ ପ୍ରାର୍ଥୀ ଶ୍ରୀରୁପ ପହଞ୍ଚି ଗ୍ରାମରେ ଭୋଟ ପ୍ରଚାର ପରେ ଆୟୋଜିତ ସାଧାରଣ ସଭାରେ ନବୀନଙ୍କ ବିକାଶ ଏବଂ ତାଙ୍କ ମା' ଉଷାଙ୍କ ଶାନ୍ତିପ୍ରିୟତାକୁ ନେଇ ମୋତେ ଆପଣମାନେ ଭୋଟ ଦେବେ ବୋଲି ମୋର ବିଶ୍ୱାସ ବୋଲି କହିଥିଲେ। ବିଜେଡିର ପ୍ରଚାର ସମୟରେ ସବୁ ଗ୍ରାମରେ ବିଧାୟକ ପ୍ରାର୍ଥୀ ଶ୍ରୀରୁପଙ୍କୁ ସ୍ୱାଗତ କରିଥିଲେ।

# ଜିଲା ପରିଷଦ ଜୋନ୍ ସ୍ତରୀୟ ସାଙ୍ଗଠନିକ ବୈଠକ

ବୁଗୁଡ଼ା, ୧୮।୪(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମସ୍ଥିତ ମହୋତ୍ସବ ପଡ଼ିଆରେ ବିଜେଡିର ଜିଲା ପରିଷଦ ୪୧ ନଂ ଜୋନ ସ୍ତରୀୟ ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଆସିକା ଲୋକସଭା ଏମ୍‌ପି ପ୍ରାର୍ଥିନୀ ରଞ୍ଜିତା ସାହୁ, ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବୁଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଜିଲା ପରିଷଦ ସଦସ୍ୟା ସମିତା ସ୍ୱାଇଁ ଓ ସଦସ୍ୟ ଗଙ୍ଗାପାଣି ଜେନା, ବାଲିପଦର ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ପାଙ୍ଗିଡି ସରପଞ୍ଚ ଭାଗ୍ୟଲତା ବିଷୋୟୀଙ୍କ ସମେତ ଜୋନ୍ ନଂ-୪୧ ଅନ୍ତର୍ଗତ ଅରଖପୁର, ଅନ୍ତରପଡ଼ା, ଆଶ୍ରମ କରଡ଼ାବାଡ଼ି, ପାଙ୍ଗିଡ଼ି, ବାଲିପଦର, ପୋଚାଲୁଣ୍ଡି ଓ କଳମ୍ବ ଆଦି ୭ଟି ଗ୍ରାମ ପଞ୍ଚାୟତର ଦଳୀୟ ଜନପ୍ରତିନିଧି, କର୍ମକର୍ତ୍ତା ଓ କର୍ମୀଗଣ ଯୋଗଦାନ କରିଥିଲେ। ଆସିକା ଲୋକସଭା ଏବଂ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ମେ ୨୦ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଏମ୍‌ପି ପ୍ରାର୍ଥିନୀ ରଞ୍ଜିତା ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

# ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆସିକା, ୧୮।୪ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଗୁରୁବାର ହିନ୍ଦୀ ବିଭାଗର ଯୁକ୍ତ ୩ ଅନ୍ତିମ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ଜିନିତ ସବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲା ବେଳେ ଅଧ୍ୟାପକ ରାଜେଶ କୁମାର ସାହୁ ହିନ୍ଦୀ ଭାଷା ସାହିତ୍ୟକୁ ନେଇ ବିଭିନ୍ନସ୍ତରରେ ରହିଥିବା ଚାକିରି ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏତଦ ଅବସରରେ ଅନୁଷ୍ଠିତ ଏକ ପାଠଚକ୍ରରେ ହିନ୍ଦୀ ଭାଷା ସାହିତ୍ୟର ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆସିକା ବିଜ୍ଞାନ ମହାବିଦ୍ୟାଳୟ ହିନ୍ଦୀ ବିଭାଗର ଛାତ୍ରୀଛାତ୍ର ଲଗାତାର ଭାବେ ଗତ ୧୪ ବର୍ଷ ଧରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଥିବାରୁ ଏହି ମହାବିଦ୍ୟାଳୟରେ ହିନ୍ଦୀ ବିଭାଗର ସ୍ନାତକୋର ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିବା ଲାଗି ଦୃଢମତ ପ୍ରକାଶ ପାଇଥିଲା ।

## ଘୋଡ଼ାହାଡ଼ ନଦୀ ଗଣ୍ଡରେ ବୁଡ଼ି ମହିଳା ମୃତ

ଦିଗପହଣ୍ଡି, ୧୮।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଘୋଡାହାଡ ନଦୀ ଗଣ୍ଡରେ ବୁଡ଼ି ଜଣେ ମହିଳାଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ପେଣ୍ଠା ଗ୍ରାମ ହରିଜନ ସାହିର କୁସିଆଁ ନାଇକଙ୍କ ସ୍ତ୍ରୀ କୁମାରୀ ନାଇକ। ମହିଳା ଜଣକ ଗାଧୋଇବା ପାଇଁ ନଦୀ ଗଣ୍ଡକୁ ଯାଇଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ଯାଇଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀର କର୍ମଚାରୀମାନେ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ମହିଳାଙ୍କ ମୃତଦେହ ଉଦ୍ଧାର କରିବା ପରେ ପୋଲିସକୁ ସୂଚନା ଦେଇଥିଲେ। କେ. ନୂଆଗାଁ ପୋଲିସ ପହଞ୍ଚି ନଂ.୨/୨୪ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି।

## ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଦିଗପହଣ୍ଡି/ପାଟପୁର, ୧୮।୪(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ):

ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅର୍ନ୍ତଗତ ପଟିଗୁଡ଼ା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମର ଅଜୟ ସେଠୀଙ୍କ ସ୍ତ୍ରୀ ମମତାଙ୍କ ମୃତ୍ୟୁ ସନ୍ଦେହଜନକ ରହିଛି। ତାଙ୍କ ମୃତଦେହକୁ ପାଟପୁର ପୋଲିସ ଜବତ କରି ସ୍ୱାମୀ ଅଜୟ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମମତା ସେଠୀଙ୍କ ବାପା ରବୀନ୍ଦ୍ର ଝିଅକୁ ବିଷ ପିଆଇ ହତ୍ୟା କରିଥିବା ନେଇ ପାଟପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ପ୍ରକାରେ ପ୍ରାୟ ୫ ବର୍ଷ ପୂର୍ବେ ଶେରଗଡ଼ ଥାନା ବାକିଲିକଣା ଗ୍ରାମର ରବୀନ୍ଦ୍ର ସେଠୀଙ୍କ ଝିଅ ମମତା ପାଟପୁର ଥାନା ଅର୍ନ୍ତଗତ ବାଙ୍ଗରଡ଼ା ଗ୍ରାମରର ଲଡ୍ଡୁ କିଶୋର ସେଠୀଙ୍କ ପୁଅ ଅଜୟଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଶାଶୁଘର ଲୋକ ମମତାଙ୍କୁ ଅଧିକ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ। ବାପା ରବୀନ୍ଦ୍ର ଜାଣିବା ପରେ ଘଟଣାର ସମାଧାନ କରିଥିଲେ। ପୁଣି ବୁଧବାର ରବୀନ୍ଦ୍ର ଜାଣିବାକୁ ପାଇଥିଲେ ଯେ ତାଙ୍କ ଝିଅ ମମତାଙ୍କୁ ତାଙ୍କ ଶାଶୁ ଘର ଲୋକ ମାଡ଼ ମାରି ବିଷ ପିଆଇ ଦେଇଛନ୍ତି। ଖବର ପାଇ ସେ ମମତାଙ୍କ ଶଶୁର ଘରେ ପହଞ୍ଚି ଝିଅକୁ ଉଦ୍ଧାର କରି ବ୍ରହ୍ମପୁର ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ପରୀକ୍ଷା ସମୟ ବଦଳାଇବାକୁ ଦାବି

### ସରକାରୀ ନିର୍ଦ୍ଦେଶନାମା ମାନୁନାହାନ୍ତି ଠିକାଦାର, ଖରାରେ କାମ କରୁଛନ୍ତି ଶ୍ରମିକ

ଭଞ୍ଜନଗର, ୧୮।୪(ବାବୁଲା ପ୍ରଧାନ):

ଭଞ୍ଜନଗର ଅଞ୍ଚଳରେ ଗୁରୁବାର ସର୍ବାଧିକ ୪୨ ଡିଗ୍ରୀ ତାପମାତ୍ରା ଥିଲା। ଫଳରେ ପୂର୍ବାହ୍ନ ୧୦ ଟାରୁ ପ୍ରମୁଖ ମୁଖ୍ୟ ରାସ୍ତାଗୁଡ଼ିକ ଶୂନଶାନ ହୋଇଯାଇଥିଲା। ଆଗକୁ ତାପମାତ୍ର ବଢ଼ିବା ସମ୍ଭାବନା ରହିଛି। ଏହିଭଳି ପରିସ୍ଥିତିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ମଙ୍ଗଳବାର (୨୩ ତାରିଖ) ଠାରୁ ଯୁକ୍ତ ୩ ଚତୁର୍ଥ ସେମିଷ୍ଟାର୍ ପରୀକ୍ଷା ହେବ। କିନ୍ତୁ ପରୀକ୍ଷା ସମୟ ଅପରାହ୍ନ ୨ଟାରୁ ୫ଟା ରଖାଯାଇଛି। ଗ୍ରାମାଞ୍ଚଳରୁ ଛାତ୍ରୀଛାତ୍ରମାନେ ଦୁଇ ଘଣ୍ଟା ପୂର୍ବରୁ କଲେଜକୁ ବାହାରିବାକୁ ପଡିବ। ଦିବା ୧୨ଟା ସମୟରେ ଅସମ୍ଭାଳ ଖରା ହେବାକୁ ସମ୍ଭାବନା ଥିବା ବେଳେ ଏହି ସମୟରେ ଛାତ୍ରୀଛାତ୍ରମାନେ ଘରୁ ବାହାରିବା ଏକପ୍ରକାର କଷ୍ଟଦାୟକ। ତେଣୁ ପରୀକ୍ଷା ସମୟ ସକାଳ ୮ରୁ ୧୧ଟା ମଧ୍ୟରେ କରିବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଅପରପକ୍ଷେ ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୩ଟା ମଧ୍ୟରେ ଖୋଲା ସ୍ଥାନରେ ଶ୍ରମିକମାନେ କାମ କରିବାକୁ ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି। କିନ୍ତୁ ଠିକାଦାରମାନେ ସରକାରୀ ନିର୍ଦ୍ଦେଶନାମା ମାନୁନାହାନ୍ତି। ଫଳରେ ବିଭିନ୍ନ ବିଭାଗରେ କାମ କରୁଥିବା ଶ୍ରମିକମାନେ ୧୧ଟା ପରେ ମଧ୍ୟ କାମ କରୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଭଞ୍ଜନଗର-ଫୁଲବାଣୀ ରାଜପଥରେ ହାତୀ



ଏକ ଦନ୍ତା ହାତୀ ରାସ୍ତା ପାର ହେଉଛି।

**ଭଞ୍ଜନଗର, ୧୮।୪(ବାବୁଲା ପ୍ରଧାନ):** ଭଞ୍ଜନଗର ଫୁଲବାଣୀ ଜାତୀୟ ରାଜପଥର ଖାରିଗୁଡା ନିକଟରେ ଗୁରୁବାର ଅପରାହ୍ନରେ ହାତୀପଲ ରାସ୍ତା ପାର ହେଉଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ସଂପୃକ୍ତ ଅଞ୍ଚଳରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ଏଥିସହ ଭୟରେ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାତାୟତ ବନ୍ଦ ରହିଥିଲା। ଏହାପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଖବରପାଇ ମୁଜାଗଡ଼ ରେଞ୍ଜ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ତାଲିମ ଶିବିର

ଧରାକୋଟ, ୧୮।୪(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକର ବିଏଲଓ ବା ବୁଥସ୍ତରୀୟ ଅଧିକାରୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ତଥା ତହସିଲଦାର ଲମ୍ବୋଦର ମାରାଣ୍ଡି, ସହକାରୀ ଭୋଟର ପଞ୍ଜିକରଣ ଅଧିକାରୀ ତଥା ବିଡିଓ ଡେନିସ ବେହେରା, ଅତିରିକ୍ତ ବିଡିଓ ସୁଶିଲ ପଟ୍ଟନାୟକ, କଲ୍ୟାଣ ଅଧିକାରୀ ଅନିଲ ପ୍ରଧାନ ପ୍ରମୁଖ ପ୍ରଥମ ପର୍ଯ୍ୟାୟରେ ଉପସ୍ଥିତ ଥିବା ୩୭ ଜଣ ବିଏଲଓଙ୍କୁ ପୋଷ୍ଟାଲ ବାଲାଟ ସମ୍ପର୍କରେ ତାଲିମ ଦେଇଥିଲେ। ୮୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ୪୦ ପ୍ରତିଶତରୁ ଅଧିକ ବିଦ୍ୟାଙ୍ଗ,କୋଭିଡ ଆକ୍ରାନ୍ତ ଭୋଟର, ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେବାକୁ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ସରକାର କରିଥିବା ପୋଷ୍ଟାଲ ବାଲାଟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ପୋଷ୍ଟଲ ବାଲାଟ କେନ୍ଦ୍ର ସ୍ଥାପନ କରାଯିବ। ସେଠାରେ ଜରୁରୀ କାଳୀନ ସେବା ଯୋଗାଇ ଦେଉଥିବା ବିଭାଗ ଯଥା ସ୍ୱାସ୍ଥ୍ୟ,ଅଗ୍ନିଶମ ଓ ପାନୀୟ ଜଳ ବିଭାଗର କର୍ମଚାରୀମାନେ ମତଦାନ କରିବେ। ଧରାକୋଟ ବ୍ଲକର ୧୧୦ଟି ବୁଥର ବିଏଲଓମାନଙ୍କୁ ୩ଟି ପର୍ଯ୍ୟାୟରେ ତାଲିମ ଦିଆଯିବ।

# ଧରାକୋଟ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଧରାକୋଟ, ୧୮।୪(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଆସନ୍ତା ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ କରିବା ପାଇଁ ସଚେତନତା ସୃଷ୍ଟି କରିବାକୁ ଧରାକୋଟ ଥାନା ପୋଲିସ ପକ୍ଷରୁ ଜାହାଡା, ମୁଣ୍ଡମରାଇ, ବରିଗୁଡା, ଘାସିବିଲି, କୁଷରାବ ଆଦି ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି, ସବ୍‌ଇନ୍ସପେକ୍ଟର ବାଲ୍ମିକୀ ପ୍ରଧାନ, ଶୁଭଲକ୍ଷ୍ମୀ କହଁର, ଏଏସଆଇ ରାଜେନ୍ଦ୍ର ରାଉତ, ଅଭିମନ୍ୟୁ ପାଣ୍ଡେ, ବରିଷ୍ଠ ପୋଲିସ କର୍ମଚାରୀ ସଦାନନ୍ଦ ବେହେରା, ମନୋଜ ବେହେରା, ହିରେନ୍ଦ୍ର ଗୌଡ଼ଙ୍କ ସମେତ ବହୁ ଅଧିକାରୀ ଓ ଫୋର୍ସ ଏଥିରେ ସାମିଲ ହୋଇଥିଲେ। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ ପ୍ରତି ସତର୍କ ଦୃଷ୍ଟି ରଖାଯିବ ବୋଲି ଥାନା ଅଧିକାରୀ ସୁବୁଦ୍ଧି କହିଛନ୍ତି।

# ଭାଜପାରେ ଯୋଗଦେଲେ ବହୁ କର୍ମୀ

ଖଲ୍ଲିକୋଟ, ୧୮।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀ କୃଷ୍ଣ ଶରଣପୁର ଗ୍ରାମରେ ଥିବା ଶକଳେଶ୍ୱର ମହାଦେବ ମନ୍ଦିର ନିକଟ ପଡ଼ିଆରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଗ୍ରାମର ପୁରୁଖା ନେତା ରାମଚନ୍ଦ୍ର ପାହାନ ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ଶୋଭାଯାତ୍ରାରେ ନେଇ ମିଶ୍ରଣ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ୬ ଜଣ ୱାର୍ଡ ମେମ୍ବର ସମତ କେଶପୁର ବଜାର କମିଟି ପୂର୍ବତନ ସଭାପତି ଦୀନବନ୍ଧୁ ତରାଇ, ବରିଷ୍ଠ ଆଇନଜୀବୀ ଜ୍ୟୋତିଶ କୁମାର ନନ୍ଦ, ସାମଜିକ କର୍ମୀ ଅଭିମନ୍ୟୁ ପାହାନ, ଦିଲୀପ ପାହାନଙ୍କ ସମେତ ଶତାଧିକ ମହିଳା ପୁରୁଷ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସଞ୍ଜୟ ଘୋଷ, ବରିଷ୍ଠ ଭାଜପା ନେତା ଅନୀଲ ପଣ୍ଡା, ଯଜ୍ଞନାରାୟଣ ଦାଶ, ଶଙ୍କର ପ୍ରସାଦ ନାହାକଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

# ଗୋଷ୍ଠୀ ସମ୍ବଳ କର୍ମୀଙ୍କ ପାଇଁ କର୍ମଶାଳା

ଛତ୍ରପୁର, ୧୮।୪ ( ଦିଲ୍ଲୀପ ସାମଲ): ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ଓ ଜିଲା ଅନ୍ତର୍ନିବେଶୀ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ସମ୍ବଳ କର୍ମୀଙ୍କ ପାଇଁ ସପ୍ତଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଛତ୍ରପୁରସ୍ଥିତ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରିଣୀ ଅମିତା ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ପ୍ରଶିକ୍ଷଣ କେନ୍ଦ୍ରରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ଓ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ତପନ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନ କରୁଥିବା ଭିନ୍ନକ୍ଷମ ଶିଶୁଙ୍କୁ ପ୍ରାଥମିକସ୍ତରରେ ଚିହ୍ନଟ କରି ସେମାନଙ୍କ ଆବଶ୍ୟକତା ଭିତ୍ତିରେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା, ଶ୍ରେଣୀ କକ୍ଷରେ ସହଜ ତଥା ସରଳ ଶିକ୍ଷା ପ୍ରଦାନ କରିବା, ଶିକ୍ଷାଦାନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଖଲିକୋଟ ବ୍ଲକର ସାଧନ କର୍ମୀ ପ୍ରଣବ କୁମାର ଶତପଥି, ହିଞ୍ଜିଳିକାଟୁ ବ୍ଲକର ଦୁରୁବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରୀ ଶଙ୍କର ମିଶ୍ର, ଶିକ୍ଷକ ବିଜୟ କୁମାର ହୋତା ଓ ଅଭିରାମ ବିଶ୍ୱାଳ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ।



## ସଂକ୍ଷେପରେ

### ଟ୍ୟୁରିଜମ ଓ ଟ୍ରାଭେଲ୍ସ ଷ୍ଟଡିଜ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ

ବ୍ରହ୍ମପୁର,୧୮।୪(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟ୍ୟୁରିଜମ ଓ ଟ୍ରାଭେଲ ଷ୍ଟଡ଼ିଜ ବିଭାଗ ପକ୍ଷରୁ ଭାରତୀୟ ଜ୍ଞାନର ଶୈଳୀ ଶୀର୍ଷକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ଡ଼.ରିତୁ ତିୱାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ କଲ୍ୟାଣ ପର୍ଯ୍ୟଟନ ବିଶେଷଜ୍ଞ ଡ଼.ରଞ୍ଜନା ତିୱାରି ଯୋଗଦେଇଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ଡ଼.ସୁଶାନ୍ତ କୁମାର ବରାଳ ଉପସ୍ଥିତ ଥିଲେ। ଭାରତୀୟ ଜ୍ଞାନ, ସଂସ୍କୃତି, ପରମ୍ପରା କିଭଳି ମାନବ ସମାଜର ହିତ ସାଧନରେ ମୁଖ୍ୟ ଭୂମିକା ନିର୍ବାହ କରେ ସେ ସମ୍ପର୍କରେ କହିଥିଲେ। ଭାରତୀୟ ପୂଜାର୍ଚ୍ଚନା ଓ ବ୍ୟାୟାମ,ଯୋଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମାନସିକ ଓ ଶାରୀରିକ ସୁସ୍ଥତାରେ ଭାରତୀୟ ପରମ୍ପରା ଓ ସଂସ୍କୃତି ସକାରାତ୍ମକ ପ୍ରଭାବ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଭାଗର ଅଧ୍ୟାପକ ଡ଼.ଇକବାଲ ଅହମ୍ମଦ ଭଟ୍ଟ ସହଯୋଗ କରିଥିଲେ। ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଡକାୟତି ଯୋଜନା ପଣ୍ଡ, ୪ ଗିରଫ ବନ୍ଧୁକ ଓ ଗୁଳି ଜବତ

ବ୍ରହ୍ମପୁର,୧୮।୪(ସୁବାସ ଚନ୍ଦ୍ର ପାଢ଼ୀ):

ନିମଖଣ୍ଡି ଥାନା ଶ୍ରୀକ୍ଷେତ୍ରବିହାରରେ ଡକାୟତି ଯୋଜନା କରୁଥିବା ୪ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ବାନ୍ଧିଛି। ସେମାନେ ହେଲେ ଗଞ୍ଜାମ ଜିଲା ବଡଗଡ ଥାନା ଗଙ୍ଗାପୁର ଗ୍ରାମର ତୋଫାନ ସାହୁ, ତେନ୍ତୁଳିଖୁଣ୍ଟି ଗ୍ରାମର ଦେବାନନ୍ଦ ଗୌଡ, ପଦ୍ମପୁର ବଡଦାଣ୍ଡ ସାହିର ନିମେଇ ଚରଣ ନାୟକ ଓ ଆସିକାର କେ.ସୂର୍ଯ୍ୟ ରାଓ। ଡକାୟତି ଯୋଜନାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ତୋଫାନ ନିକଟରୁ ପୋଲିସ ଏକ ବନ୍ଧୁକ, ୫ ଗୁଳି ଓ ୨ଟି ମାଗାଜିନ ଜବତ କରିଛି। ବୁଧବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ଶ୍ରୀକ୍ଷେତ୍ରବିହାର ଅଞ୍ଚଳରେ ଥିବା ଏକ ବାଲି ଗଦା ନିକଟରେ କେତେଜଣ ଏକାଠି ହୋଇଥିବା ଖବର ମିଳିଥିଲା। ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରି ୪ଜଣଙ୍କୁ କାବୁ କରିଥିବାବେଳେ ଅନ୍ଧାରର ସୁଯୋଗ ନେଇ ୨ଜଣ ଚମ୍ପଟ ମାରିଥିଲେ। ଅପରାଧୀ ଗୋଷ୍ଠୀ କେତେକ ଘର ଓ ଦୋକାନରେ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିଲେ ବୋଲି ପୋଲିସ କହିଛି। ନଂ.୧୨୭/୨୪ରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଦିଗପହଣ୍ଡି ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଦିଗପହଣ୍ଡି,୧୮।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ପକ୍ଷରୁ ଗୁରୁବାର ଫ୍ଲାଗମାର୍ଚ୍ଚ କରାଯାଇଛି । ଆଇଆଇସି ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମହୁଡା, ବନ୍ଧପଲ୍ଲୀ ଓ ଅନନ୍ତେଇ ଗ୍ରାମରେ ଫ୍ଲାଗମାର୍ଚ୍ଚ କରିଥିଲେ। ଦିଗପହଣ୍ଡି ଥାନା ଅଞ୍ଚଳରେ ନିର୍ବାଚନ କିପରି ଶାନ୍ତି ଶୃଙ୍ଖଳାରେ ହୋଇପାରିବ। ଅପରାଧିକ କାର୍ଯ୍ୟଠାରୁ ଲୋକେ କିପରି ସୁରକ୍ଷା ପାଇପାରିବେ। ନିରପେକ୍ଷ ନିର୍ବାଚନ ପାଇଁ ପୋଲିସକୁ ସହଯୋଗ କରିବା ଏବଂ ଭୟଭୀତ ନ ହେବା ଲକ୍ଷ୍ୟରେ ଦିଗପହଣ୍ଡି ପୋଲିସ ଗ୍ରାମକୁ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେହିପରି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ ଗୁଡ଼ିକରେ ପୁଲିସ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ନେଇ ଥାନା ଅଧିକାରୀ କହିଛନ୍ତି।

# ବିଇଡିଏ ଶିଶୁ ଉଦ୍ୟାନ ଅବହେଳିତ

ବ୍ରହ୍ମପୁର,୧୮।୪(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଇଡିଏ) ପକ୍ଷରୁ ନିର୍ମିତ ଶିଶୁ ଉଦ୍ୟାନ ଗୁଡିକ ଜରାଜୀର୍ଣ୍ଣ ହୋଇପଡିଛି । ପାର୍କ ରକ୍ଷଣାବେକ୍ଷଣ କ୍ଷେତ୍ରରେ ପୂର୍ବଭଳି କୌଣସି ସରକାରୀ ଅର୍ଥ ଆସୁ ନ ଥିବା ବିଇଡିଏ ସଫେଇ ଦେଉଥିବା ବେଳେ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ଏବେ ଖତଖାଉଛି । ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ୪୦ ନଂ ୱାର୍ଡ ଅନ୍ତର୍ଗତ ଲକ୍ଷ୍ମୀ ନାରାୟଣନଗର ଅଞ୍ଚଳରେ ଥିବା ୨ଟି ଶିଶୁ ଉଦ୍ୟାନ ଏହାର ଉଦାହରଣ।

ଲକ୍ଷ୍ମୀନାରାୟଣ ନଗରରେ ଥିବା ପାର୍କର ଫଳକ ବ୍ୟତୀତ ପାର୍କ ପରିସରରେ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜି ଯାଇଛି । ପାର୍କ ଅନାବନା ଘାସରେ ପରିପୂର୍ଣ୍ଣ ହୋଇରହିଛି। ସେଠାରେ ଥିବା ଚେୟାରଟି ଭାଙ୍ଗିଯାଇଛି । ସୌନ୍ଦର୍ଯ୍ୟକରଣ ନିମନ୍ତେ ରହିଥିବା ଟାୟାର ଏଣେତେଣେ ପଡିଛି। ଛୋଟ ଶିଶୁଙ୍କ ନିମନ୍ତେ ଉଦ୍ଦିଷ୍ଟ ଦୋଳି ଘାସଲତାରେ ପରିପୂର୍ଣ୍ଣ ହୋଇ ରହିଛି । ପାର୍କ ପରିବେଶ ଅସ୍ୱାସ୍ଥ୍ୟକର ହୋଇପଡିଛି। ଅନେକ ସୌନ୍ଦର୍ଯ୍ୟକରଣ ସାମଗ୍ରୀ ଚୋରି ହୋଇଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, ଉଦଘାଟନର


ଘାସ ବୁଦାରେ ପରିପୂର୍ଣ୍ଣ ପାର୍କ ପରିସର ।

କିଛି ମାସ ପାର୍କକୁ ସ୍ଥାନୀୟ ଲୋକ ପ୍ରାତଃ ଭ୍ରମଣରେ ଆସୁଥିଲେ। ଛୋଟ ଶିଶୁ ମଧ୍ୟ ଖେଳିବା ପାଇଁ ଆସୁଥିଲେ । କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ଜରାଜୀର୍ଣ୍ଣ ହୋଇଯାଇଛି। ବାରମ୍ବାର ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଇଡିଏ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ବି ସୁଫଳ ମିଳୁନି। ପାର୍କରେ ଆଲୋକୀକରଣ ବ୍ୟବସ୍ଥା ନାହିଁ । ସନ୍ଧ୍ୟା ହେଲେ ଅସାମାଜିକଙ୍କ ଆଡ୍ଡା ପାଲଟୁଛି। ୩ ବର୍ଷ ଧରି ପାର୍କଟି ଏଭଳି ଅବହେଳିତ ହୋଇ ରହିଛି । ସେହିଭଳି ଆଙ୍କୁଲି ମୌଜା ଲକ୍ଷ୍ମୀ ନାରାୟଣ ନଗରର ଅନ୍ୟ ଏକ ଶିଶୁ ଉଦ୍ୟାନର ସ୍ଥିତି ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଏଠାକାର ପାର୍କଟି ଜଙ୍ଗଲ ପାଲଟିଛି । ପାର୍କକୁ ଯିବା ରାସ୍ତା ଗଛଲତା ପୂର୍ଣ୍ଣ। ପାର୍କ ପରିସରରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଖତ ଖାଉଛି । ୪ଟି ଦୋଳି ଗଛ ଲତାରେ ଆବୃତ୍ତ ହୋଇ ରହିଛି । ସୌନ୍ଦର୍ଯ୍ୟକରଣ ନିମନ୍ତେ ରଖାଯାଇଥିବା ଟାୟାର ଗୁଡିକ ପାର୍କ ବାହାରେ ଘାସ ବୁଦା ମଧ୍ୟରେ ପଡି ରହିଛି । ୫ ବର୍ଷ ଧରି ପାର୍କ ସଫା ସୁତରା କରିବା ଦିଗରେ ବିଇଡିଏ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି । ବିଇଡିଏ ନିଜସ୍ୱ ଖାଲି ସ୍ଥାନରେ ପାର୍କ ନିର୍ମାଣ କରୁଛି ସତ କିନ୍ତୁ ଠିକ ରକ୍ଷଣାବେକ୍ଷଣ କରୁ ନାହିଁ। ଫଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଶିଶୁ ଉଦ୍ୟାନ ଗୁଡିକର ଅବସ୍ଥା ସାଂଘାତିକ ରହିଛି। ଏ ନେଇ ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିନିଧିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ବାବଦରେ ବିଇଡିଏ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି । କିନ୍ତୁ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟ କରୁ ନ ଥିବା ସେ କହିଛନ୍ତି ।

# ଯୁବକଙ୍କୁ ଛୁରି ଭୁସି ହତ୍ୟା

## ବୋରିଗାଁରେ ଚାଞ୍ଚଲ୍ୟ

ବ୍ରହ୍ମପୁର, ୧୮।୪(ସୁବାସ ଚନ୍ଦ୍ର ପାଢ଼ୀ) :

ଗଞ୍ଜାମ ଜିଲା ନିମଖଣ୍ଡି ଥାନା ବୋରିଗାଁରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ହତ୍ୟା ପରେ ନିକଟରେ ଥିବା ଏକ ପୋଖରୀରେ ମୃତଦେହ ଫୋପାଡ଼ି ଦିଆଯାଇଛି। ମୃତକ ଜଣଙ୍କ ହେଲେ ଉକ୍ତ ଗ୍ରାମର ସୁନୀଲ ଦାସ(୨୭)। ସଦର ଥାନା ପୋଲିସ, ଏସଡ଼ିପିଓ ଶୁଭ୍ରାଂଶୁ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଏହି ଘଟଣା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟପଟେ ହତ୍ୟାକାରୀ ଜଣଙ୍କ ଥାନାରେ ଆତ୍ମସମର୍ପଣ କରିଛନ୍ତି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ପୋଲିସ ତାଙ୍କ ନାମ କହିବାକୁ ମନା କରିଦେଇଛି। ସନ୍ଧ୍ୟାରେ ସୁନୀଲଙ୍କ ସହ ଅନ୍ୟ ଜଣେ ଯୁବକଙ୍କ ମଧ୍ୟରେ ଗାଁମୁଣ୍ଡରେ ଥିବା କାଳି ମନ୍ଦିର ନିକଟ ବଡବନ୍ଧ ହୁଡ଼ାରେ ଝଗଡା ହୋଇଥିଲା। ସେମାନଙ୍କ ଝଗଡା ଦେଖି ଉକ୍ତ ପୋଖରୀରେ ଥିବା କେତେଜଣ ଲୋକ ସେଠାରୁ ଦୌଡ଼ି ପଳାଇଥିଲେ। ପରେ ଅଭିଯୁକ୍ତ ଜଣଙ୍କ ଏକ ଛୁରିରେ ସୁନୀଲଙ୍କ ପେଟକୁ ବାରମ୍ବାର ଭୁସି ହତ୍ୟା କରିଥିଲେ। ପରେ ମୃତଦେହକୁ ପୋଖରୀକୁ ଠେଲି ଚାଲିଯାଇଥିଲେ। ସ୍ଥାନୀୟ ଲୋକ ଏ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପୋଖରୀରୁ ମୃତଦେହ ଜବତ କରିଛି। ଶୁକ୍ରବାର ମୃତଦେହ ପଞ୍ଚନାମା କରାଯିବ ବୋଲି ପୋଲିସ କହିଛି।

# ବ୍ରହ୍ମପୁରରୁ ସ୍ୱାଧୀନରେ ଲଢ଼ିବେ ସରିତା

ବ୍ରହ୍ମପୁର,୧୮।୪(ସ୍ମୃତି ରଞ୍ଜନ ମହାଲିକ)

ବରିଷ୍ଠ ସମାଜିକ କର୍ମୀ ସରିତା ପଣ୍ଡା ଚଳିତ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବେ। ସରିତା ଜଣେ ସୁଲେଖିକା। ସେ ବ୍ରହ୍ମପୁରବାସୀଙ୍କ ପାଇଁ ସେବା କରିଆସୁଛନ୍ତି। ସହରରେ ଗରିବଙ୍କୁ ଔଷଧ, ଖାଦ୍ୟ, ବସ୍ତ୍ର ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରୁଛନ୍ତି। ବସ୍ତି ପିଲାଙ୍କୁ ପାଠ ପଢାଇବା ସହ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ସଚେତନତା ଏବଂ ପରିବେଶ ସୁରକ୍ଷା ପାଇଁ ପଲିଥିନ ବର୍ଜନ କାର୍ଯ୍ୟକ୍ରମ ମଧ୍ୟ କରିଛନ୍ତି। ବ୍ରହ୍ମପୁରରେ ବିମାନବନ୍ଦର ନିର୍ମାଣ, ବଡ ମେଡିକାଲରେ ସ୍ୱାସ୍ଥ୍ୟ ସମସ୍ୟା, ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷକ, ଅଧ୍ୟାପକ ଓ ପ୍ରଫେସର ନିଯୁକ୍ତି ଏବଂ ନୂତନ ଟ୍ରେନ ଚାଲିବା ଭଳି ବ୍ରହ୍ମପୁରବାସୀଙ୍କ ମୌଳିକ ସମସ୍ୟା


ସ୍ୱାଧୀନ ବିଧାୟିକା ପ୍ରାର୍ଥିନୀ ସରିତା ପଣ୍ଡା।

ପାଇଁ ଆନ୍ଦୋଳନ କରିଆସୁଛନ୍ତି। ବ୍ରହ୍ମପୁର ସହରବାସୀଙ୍କ ସେବା ତାଙ୍କ ଜୀବନର ବ୍ରତ ଓ ସଂକଳ୍ପ। ତେଣୁ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବା ପାଇଁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସହରବାସୀଙ୍କ ଉପରେ ତାଙ୍କର ଭରସା ରହିଛି।

# ନିର୍ଣ୍ଣାୟକ ହୋଇପାରେ ତେଲୁଗୁ ଭୋଟ

## ବ୍ରହ୍ମପୁର ବିଧାନସଭା କ୍ଷେତ୍ର

ବ୍ରହ୍ମପୁର,୧୮।୪(ନରସିଂହ ସାହୁ)

ବ୍ରହ୍ମପୁର ମହାନଗରର ୪୨ ୱାର୍ଡ ମଧ୍ୟରୁ ୧ରୁ ୩୬ନଂ ପର୍ଯ୍ୟନ୍ତ ୱାର୍ଡକୁ ନେଇ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଗଠିତ । ଏହି ୩୬ଟି ୱାର୍ଡରେ ମୋଟ ମତଦାତାଙ୍କ ସଂଖ୍ୟା ୨ ଲକ୍ଷ ୧୯ ହଜାର ୫୮୦। ସେଥିମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୧୦ ହଜାର ୪୩୫ ଥିବାବେଳେ ଅବଶିଷ୍ଟ ପୁରୁଷ ଭୋଟର। ପୁରୁଷଙ୍କଠାରୁ ମହିଳା ମତଦାତା ସଂଖ୍ୟା ୧୩୫୫ ଅଧିକ। ତେଣୁ ସବୁ ରାଜନୈତିକ ଦଳ ମହିଳା ଭୋଟରଙ୍କ ଉପରେ ନଜର ରଖିଛନ୍ତି। ମୁଖ୍ୟତଃ ଶାସକ ବିଜେଡି ମହିଳାଙ୍କୁ ଅଧିକ ଗୁରୁତ୍ୱ ଦେଇଛି। ବିଭିନ୍ନ ସ୍କିମରେ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇବାକୁ ପଦକ୍ଷେପ ପୂର୍ବରୁ ନେଇଛି।

ଅନ୍ୟପକ୍ଷରେ ଏହି ନିର୍ବାଚନ ମଣ୍ଡଳୀରେ ପ୍ରାୟ ୪୦% ତେଲୁଗୁ ଭୋଟର ଅଛନ୍ତି। ମିଳିଥିବା ସୂଚନାନୁସାରେ ବିଭିନ୍ନ ଦଳ କେବେ ହେଲେ ତେଲୁଗୁ ମହିଳା ବା ପୁରୁଷଙ୍କୁ ପ୍ରାର୍ଥୀ କରି ନ ଥିଲେ। ପ୍ରଥମଥର ଚଳିତ ନିର୍ବାଚନରେ ଭାଜପା ତେଲୁଗୁ ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀ କରିଛି। ତେଣୁ ସଂଖ୍ୟାଲଘୁ ତେଲୁଗୁ ଲୋକଙ୍କ ମଧ୍ୟରେ ଭିନ୍ନମତ ପ୍ରକାଶ ପାଇବାରେ ଲାଗିଛି। ଭୋଟ ବେଳେ ତେଲୁଗୁ ଭୋଟ ନିର୍ଣ୍ଣାୟକ ହେବ ବୋଲି ରାଜନୀତି ବିଶ୍ଳେଷକ ମତ ପ୍ରକାଶ କରୁଛନ୍ତି। ଯାଦବ (ତେଲୁଗୁ ଗୋଲା) ଜାତିର କେ. ଅନିଲଙ୍କୁ ଭାଜପା ପ୍ରାର୍ଥୀ କରି ବାହାବା ନେଉଛି। ତେବେ ଫଳାଫଳ କ'ଣ ହେବ ସେନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି।

ବ୍ରହ୍ମପୁର ସେଗମେଣ୍ଟରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ସ୍ପଷ୍ଟ ହୋଇଛି। ଏହି ଆସନରୁ ବିଜେଡି ପ୍ରାର୍ଥୀମାନେ ଲଗାତର ୫ ଥର ଜିତିଥିବା ତଥ୍ୟ ରହିଛି। ଷଷ୍ଠଥର ଦଖଲ ଲାଗି ରଣନୀତି ପ୍ରସ୍ତୁତ ହୋଇଛି। ସେପଟେ ପଦ୍ମ ଫୁଟାଇବାକୁ ଭାଜପା ଲକ୍ଷ୍ୟ ରଖିଛି।

### ୮ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗ

ବ୍ରହ୍ମପୁର,୧୮।୪(ସୁବାସ ଚନ୍ଦ୍ର ପାଢ଼ୀ):

ସ୍ଥାନୀୟ ଟାଟାବେଞ୍ଜ ଛକରେ ଥିବା ଏକ ଘରୋଇ ସଂସ୍ଥାର ଜଣେ କର୍ମଚାରୀ ୮ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ବୈଦ୍ୟନାଥପୁର ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ସଂସ୍ଥାର ଆସିଷ୍ଟାଣ୍ଟ ମ୍ୟାନେଜର ଆଦିତ୍ୟ ପ୍ରସାଦ ମିଶ୍ର ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଜରଡା ଥାନା ଡୁମ୍ବାଗଡ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ସଂସ୍ଥାରେ ସେଲସ ଏକଜିକ୍ୟୁଟିଭ ଭାବେ କାମ କରୁଥିଲେ। ସେ ଏଠାରୁ ସାମଗ୍ରୀ ନେଇ ବିଭିନ୍ନ ଦୋକାନରେ ଦେବା ସହିତ ଟଙ୍କା ସଂଗ୍ରହ କରି ଆଣୁଥିଲେ। କିନ୍ତୁ ବାକି ଖାତା ଦେଖିବାରେ ସେ ଅଗଷ୍ଟରୁ ନଭେମ୍ବର ମାସ ପର୍ଯ୍ୟନ୍ତ ୧୫,୭୦,୧୦୧ ଟଙ୍କା ସଂସ୍ଥାକୁ ଦେଇ ନ ଥିଲେ। ଗତ ଡିସେମ୍ବର ୧୨ ମଧ୍ୟରେ ସବୁ ଅର୍ଥ ସଂଗ୍ରହ କରି ପୈଠ କରିବାକୁ କହିଥିଲେ। କିନ୍ତୁ ଡିସେମ୍ବର ୨୮ରୁ ସେ ଆଉ ଉକ୍ତ ସଂସ୍ଥାକୁ ଆସୁନାହାନ୍ତି। ପରେ ସମସ୍ତ କାଗଜପତ୍ର ଯାଞ୍ଚ କରିବାରୁ ପ୍ରାୟ ୮,୦୬୭୫୪ ଟଙ୍କା ସେ ଆତ୍ମସାତ କରିଥିବା ଜଣାପଡ଼ିଛି। ତାଙ୍କୁ ଯୋଗାଯୋଗ କଲେ ବି ସେ ଫୋନ ଉଠାଉନାହାନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗକ୍ରମେ ନଂ.୨୨୦/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

# ରାଜ୍ୟ ରାଜନୀତିରେ ପରିବର୍ତ୍ତନ ଘଟିବ:ମନମୋହନ

ବ୍ରହ୍ମପୁର,୧୮।୪(ନରସିଂହ ସାହୁ)

ରାଜ୍ୟ ରାଜନୀତିରେ ସମ୍ପ୍ରତି ପରିବର୍ତ୍ତନ ହାୱା ବହୁଛି। ଏହାର ସୁଯୋଗରେ ନେତା ଓ କର୍ମୀ ବୁଥ୍‌ସ୍ତରରେ ଦଳର ସଂଗଠନକୁ ଆହୁରି ସୁଦୃଢ଼ ସହ ଘରକୁ ଘର ଯାଇ ଭୋଟରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ନେଇ ସଚେତନ କରାଇଲେ ଏଥର ଭାଜପା ସରକାର ଗଠନ ହୋଇପାରିବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଆଶାବାଦୀ ଅଛନ୍ତି। ତେଣୁ ସମସ୍ତେ କଠିନ ପରିଶ୍ରମ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଗୁରୁବାର ବ୍ରହ୍ମପୁର ଲୋକସଭା କ୍ଷେତ୍ର ଭାଜପା ନିର୍ବାଚନୀ ପରିଚାଳନା ସମିତି ବୈଠକ ରେଶମ ନଗରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମଲଙ୍କ ସମେତ ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ କେ. ଅନିଲ କୁମାର, ପାରଳାଖେମୁଣ୍ଡି ପ୍ରାର୍ଥୀ ତଥା ବିଧାୟକ କେ. ନାରାୟଣ ରାଓ, ଦିଗପହଣ୍ଡି ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ, ମୋହନା ପ୍ରାର୍ଥୀ ପ୍ରଶାନ୍ତ ମଲିକ, ଗୋପାଳପୁର ପ୍ରାର୍ଥୀ



ଭାଜପାର ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ସମୀକ୍ଷା ବୈଠକରେ ରାଜ୍ୟ ସଭାପତି ଓ ଅନ୍ୟମାନେ ।

ବିଭୂତି ଜେନା ପ୍ରମୁଖ ଯୋଗଦେଇ ଦଳର ସାମ୍ପ୍ରତିକ ସ୍ଥିତି ନେଇ ରାଜ୍ୟ ସଭାପତିଙ୍କୁ ଅବଗତ କରାଇଥିଲେ। ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି, ସାଧାରଣ ସମ୍ପାଦକ ଶାରଦା ଶତପଥୀ, ପ୍ରଚାର ଓ ପ୍ରସାର ମୁଖ୍ୟ ଅଶୋକ ମିଶ୍ର, ଗଞ୍ଜାମ ଜିଲା ସଭାପତି ଡ଼ା. ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ପ୍ରାର୍ଥୀମାନଙ୍କ ସହିତ ରାଜ୍ୟ ନେତାମାନେ ଟିକିନିଖି ଆଲୋଚନା କରିଥିଲେ। ବିକଶିତ ଭାରତରେ ଏଥର ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳିକୁ ଯୋଡ଼ିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା।

ଅପରାହ୍ନରେ ବ୍ରହ୍ମପୁର ନିର୍ବାଚନୀ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ ପାଣିଗ୍ରାହୀ ଭାଜପାର ଜାତୀୟ ସ୍ତରରେ ପ୍ରକାଶିତ ସଂକଳ୍ପପତ୍ର ନେଇ ବଖାଣିଥିଲେ। ମୋଦୀ ତୃତୀୟ ଥର କ୍ଷମତାକୁ ଆସିଲେ ମହିଳାଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ କ'ଣ କରିବେ ସେନେଇ ବିସ୍ତୃତ ତାଲିକା ଉପସ୍ଥାପନ କରିଥିଲେ। ଏହି ନିର୍ବାଚନରେ ରାଜ୍ୟରେ ଭାଜପା ନିରୁଙ୍କଶ ସଂଖ୍ୟା ଗରିଷ୍ଠ ହେବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ୩ ଲୋକସଭା କ୍ଷେତ୍ରର ମିଡିଆ ସେଣ୍ଟର ମୁଖ୍ୟ ସୁନୀଲ କୁମାର ସାହୁ ଓ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ପ୍ରଭାରୀ ପ୍ରଭାତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ନାମାଙ୍କନ ଦାଖଲ କଲେ ମନୋରଞ୍ଜନ ଦ୍ୟାନ ସାମନ୍ତରା

ବ୍ରହ୍ମପୁର,୧୮।୪(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାନସଭା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ଗୁରୁବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବହୁ ସମର୍ଥକଙ୍କ ସହ ବାଇକ୍ ଶୋଭାଯାତ୍ରାରେ ଆସିଥିଲେ। ନାମାଙ୍କନ ଦାଖଲ ସମୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି ସୁବାସ ସାହୁ, ଗୋପାଳପୁର ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ, ଲୋକସଭା ସଂଯୋଜକ ସରୋଜ ସାବତ, ସହଧର୍ମିଣୀ ମୀନା ଦ୍ୟାନ ସାମନ୍ତରା, ଏ. ନରସିଂହ ମୂର୍ତ୍ତି, ଜିଲା ଉପସଭାପତି ୱାଇ. ମୋହନ ରାଓ, ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ପାତ୍ରପୁର ବ୍ଲକ ଉପାଧ୍ୟକ୍ଷ ଅନାଦି ପଣ୍ଡିତ, ୩୪ ନଂ. ଜିଲା ପରିଷଦ ସଭ୍ୟ ଏମ. କାମରାଜୁଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# ୧୪ ଓ ୧୬ ବର୍ଷରୁ କମ୍ ବ୍ରହ୍ମପୁର ଜୋନର ଆଇସିଏସ୍‌ଇ କ୍ରିକେଟ୍ ଟିମ ଚୟନ

ବ୍ରହ୍ମପୁର,୧୮।୪(ତନୁଶ୍ରୀ ନାହାକ)

ଆସନ୍ତା ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ସୁନ୍ଦରଗଡ଼ଠାରେ ୧୪ ଓ ୧୬ ବର୍ଷରୁ କମ୍ ଆସିଏସ୍‌ଇ ଆନ୍ତଃଜୋନ ବାଳକ କ୍ରିକେଟ ପ୍ରତିଯୋଗିତା ହେବ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ବ୍ରହ୍ମପୁର ଜୋନର ୭ ସ୍କୁଲର ପିଲାଙ୍କୁ ଏଥିପାଇଁ ଚୟନ କରାଯାଇଛି। ଏଥିରେ ବ୍ରହ୍ମପୁର ଏମଏଭି ସ୍କୁଲ, ଏସଟି ଭିନସେଣ୍ଟ ସ୍କୁଲ, ଡ଼ିପଲ, ଏସଟି ଯୋସେଫ, ଗୁରୁନାନକ, ଛତ୍ରପୁର କାରମେଲ ସ୍କୁଲ, ଜୟଶ୍ରୀ କେମିକାଲସର ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇଥିଲେ। ଏପ୍ରିଲ


ଚୟନ ହୋଇଥିବା କ୍ରିକେଟ ଟିମ।

୨୧ ତାରିଖରେ ବ୍ରହ୍ମପୁର ଜୋନର ଦୁଇଟି ଦଳ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରା କରିବେ । ଏହି ଟିମରେ ଅଫିସିଆଲ ଭାବେ ବିକାଶ ସାଶମଲ, ସମୀର କୁମାର ସାହୁ, ଦୀପକ ମହାନ୍ତି, ବିନାୟକ ହୋତା, ସଂଜୟ ଦାସ, ରାମଶିସ ଜେନା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# ଅଙ୍ଗନୱାଡ଼ି କେନ୍ଦ୍ର ଛୁଟି ଘୋଷଣା ହେଉ



ବ୍ରହ୍ମପୁର,୧୮।୪(ନରସିଂହ ସାହୁ)

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ସରକାର ସମସ୍ତ ସରକାରୀ ଓ ଘରୋଇ ସ୍କୁଲଗୁଡ଼ିକ ୩ ଦିନ ପାଇଁ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଛୋଟ ପିଲାଙ୍କ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କାହିଁକି ଖୋଲୁଛି ବୋଲି ବ୍ରହ୍ମପୁର ମହାନଗର ନିଗମ ୩୨ନଂ ୱାର୍ଡର ବିଜେଡି କର୍ପୋରେଟର ସୁରେନ୍ଦ୍ର ମହାରଣା ପ୍ରଶ୍ନ ଉଠାଇଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଅନ୍ତତଃପକ୍ଷେ ଏକ ସପ୍ତାହ ଛୁଟି ଘୋଷଣା କରିବାକୁ ସେ ଦାବି କରିବା ସହ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟିକୁ ନେଇଥିବା କହିଛନ୍ତି। ସୁରେନ୍ଦ୍ର କହିଛନ୍ତି, ବ୍ରହ୍ମପୁରରେ ୨ଟି ସିଡିପିଓ ଜୋନ ଅଛି। ଗୋଟିଏ ଜୋନରେ ୧୦୬ କେନ୍ଦ୍ର ଥିବା ବେଳେ ଅନ୍ୟ ଜୋନରେ ୯୬ କେନ୍ଦ୍ର ରହିଛି। ଉଭୟ କେନ୍ଦ୍ରରେ ଶହ ଶହ ପିଲା ପଢୁଛନ୍ତି। ଅନେକ କେନ୍ଦ୍ର ଭଡ଼ାଘରେ ଓ ସ୍କୁଲ ବାରଣ୍ଡାରେ ଚାଲୁଛି। ଅସହ୍ୟ ତାତି ଓ ଗୁଳିଗୁଳିରେ ପିଲାମାନେ ଛଟପଟ ହେଉଛନ୍ତି। ତେଣୁ କେନ୍ଦ୍ରଗୁଡ଼ିକ ତୁରନ୍ତ ବନ୍ଦ କରାଯିବା ଜରୁରୀ ହୋଇପଡିଛି। ଜିଲା ଓ ଉପଖଣ୍ଡ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ମହାରଣା ଗୁରୁତ୍ୱ ଦେଇଛନ୍ତି। ଖରାଯୋଗୁ ପିଲା ଡ଼ହଳବିକଳ ହେଉଛନ୍ତି। କେନ୍ଦ୍ରରେ ପାଣି ମିଳୁ ନ ଥିବା ସେ କହିଛନ୍ତି।

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

## ଦୁର୍ଘଟଣାରେ ୨ ମୃତ ଘଟଣା

ଗୋପାଳପୁର,୧୮।୪(ନବୀନରାଜ ଆଚାରୀ)

କନିଷି –ତୁଳୁ ରାସ୍ତା ମଝିରେ ବୁଧବାର ୨ ବାଇକ ମୁହାଁମୁହିଁ ଧକ୍କା ହୋଇ ଗୋଳନ୍ଥରା ଗ୍ରାମର ରୋହିତ ଦାସ ଓ କାଳିଆ ଦାସଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ଉଭୟଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ବିଜେଡି ରାଲିରେ ଯାଇ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ତେଣୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି ନେଇ ସେମାନେ ୧୬ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହାକୁ ସ୍ଥାନୀୟ ଲୋକେ ମଧ୍ୟ ସମର୍ଥନ କରିଥିଲେ।


କ୍ଷତିପୂରଣ ଦାବିରେ ୧୬ନଂ. ଜାତୀୟ ରାଜପଥ ଅବରୋଧ କରାଯାଉଛି।

ଟାୟାର ଜାଳି ରାସ୍ତାରୋକୋ କରାଯିବାରୁ ଉଭୟ ପଟେ ବହୁ ଗାଡ଼ି ମୋଟର ଅଟକି ରହିଥିଲା। ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା, ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ରମେଶ ସେଠି ଓ କନିଷି ଅତିରିକ୍ତ ତହସିଲଦାର ସୋମେଶ କୁମାର ରଣବିଜୁଳି ପହଞ୍ଚି ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ୧୫ ଦିନ ଭିତରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ସହାୟତା ଦିଆଯିବ ଓ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।ଏ ନେଇ ନଂ. ୧୭୭/୨୪ରେ ଗୋଳନ୍ଥରା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

